# ଶିକ୍ଷା ଅଧିକାର ଆଇନ୍ ୨୦୦୯ରେ ଅନଗ୍ରସର ଗୋଷ୍ଠୀର ପିଲାମାନଙ୍କ ସ୍ଥାନ

*ଶୈଳ ବେହେରା, ସଂପାଦିକା, ବସୁନ୍ଧରା*

କେବଳ ଜାମ୍ମୁ ଓ କାଶ୍ମୀରକୁ ଛାଡି ସାରା ଦେଶରେ ଏପ୍ରିଲ୍ ପହିଲା ୨୦୧୦ରୁ ଶିକ୍ଷା ଅଧିକାର ଆଇନ୍ ୨୦୦୯ ଚାଲୁ ହୋଇସାରିଲାଣି । ଏହି ଆଇନ୍‌ର ପ୍ରମୁଖ ଉଦ୍ଦେଶ୍ୟ ହେଉଛି, ୬ରୁ ୧୪ବର୍ଷର ସମସ୍ତ ପିଲାଙ୍କୁ ରାଷ୍ଟ୍ର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବ । କିନ୍ତୁ କେତେ ବର୍ଷ ଭିତରେ ଏହି ଅଧିକାର ଉପଲବ୍ଧ ହୋଇପାରିବ, ତାହା ଏହି ଆଇନ୍‌ରେ କିମ୍ବା ଏହାର ମୂଳ ଉତ୍ସ ସଂବିଧାନର ଧାରା୨୧-ଏ ରେ କି ଏହି ଆଇନ୍ ଅଧୀନରେ ପ୍ରସ୍ତୁତ ହୋଇଥିବା ନିୟମାବଳୀରେ ସୂଚୀତ ହୋଇନାହିଁ । ଏକଥା ସତ, ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ସମାଜର ଦୁର୍ବଳତର ଗୋଷ୍ଠୀସମୂହ, ଯଥା ଅନୁସୂଚୀତ ଜାତି ଓ ଜନଜାତି, ବି.ପି.ଏଲ୍. ପରିବାରସମୂହ, ସଂଖ୍ୟାଲଘୁ ସଂପ୍ରଦାୟ, ସହରାଞ୍ଚଳ ବସ୍ତିବାସୀ ଏବଂ ଦୁର୍ଗମ ଗ୍ରାମ୍ୟ, ପାର୍ବତ୍ୟ ତଥା ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ପିଲାମାନେ, ଓ ସେମାନଙ୍କ ଭିତରୁ ବିଶେଷ କରି ଝିଅପିଲାଏ ମୂଳରୁ ଶିକ୍ଷାଲାଭରୁ ବଞ୍ଚିତ ରହିଆସିଛନ୍ତି । ଏଥିପାଇଁ ଅନେକ ଗୁଡିଏ କାରଣ ଦାୟୀ । କିନ୍ତୁ ପ୍ରମୁଖ କାରଣ ହେଲା, ସେମାନଙ୍କର ଦୟନୀୟ ଦୁସ୍ଥିତି । ସେମାନେ ଦେଖୁଛନ୍ତି, ତାଙ୍କର ପିଲାକୁ ଯଦି କୌଣସି ନା କୌଣସି ଧନ୍ଦାରେ ମୂଳରୁ ଭର୍ତ୍ତି କରାଯାଏ, ତେବେ ସେ ପରିବାରର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା କ୍ଷେତ୍ରରେ ଅଳ୍ପବହୁତ ସହାୟକ ହୋଇପାରିବ, କିନ୍ତୁ ଯଦି ତାକୁ ସେମାନେ ସ୍କୁଲ୍‌କୁ ପଠାନ୍ତି, ତେବେ ସ୍କୁଲ୍ ତରଫରୁ ତା ପାଇଁ ଯେତେ ଯାହା ମାଗଣା ସହାୟତା ମିଳିଲେ ବି ସେହି ପିଲାର ଦୈନନ୍ଦିନ ଖାଦ୍ୟପେୟ ଓ ପାଠପଢା ପାଇଁ ସେମାନଙ୍କୁ କିଛି ନା କିଛି ଖର୍ଚ୍ଚ କରିବାକୁ ପଡିବ ତଥା ପିଲାର ପାଠପଢା ପ୍ରତି ମଧ୍ୟ କିଛି ଧ୍ୟାନ ଦେବାକୁ ପଡିବ, ଯାହାକି ସେମାନଙ୍କର 'ଢୋକେ ପିଇ ଦଣ୍ଡେ ଜୀଇଁ' ଜୀବନଶୈଳୀ ଯୋଗୁଁ ଆଦୌ ସମ୍ଭବ ନୁହେଁ । ଅନ୍ୟ ପକ୍ଷରେ ସେମାନେ ଅନୁଭବ କରନ୍ତି ଯେ, ଗୋଟିଏ ପିଲାକୁ ସ୍କୁଲ୍‌କୁ ପଠାଇବାର ଅର୍ଥ ସେ କାମଧନ୍ଦା କରି ପରିବାର ପାଇଁ ଯେତିକି ବି ଉପାର୍ଜନ କରୁଥିଲା, ସେଥିରୁ ପରିବାରକୁ ବଞ୍ଚିତ କରିବା, ଏବଂ ତଦ୍ୱାରା ସେହି ପିଲା ସମେତ ପରିବାରର ସମସ୍ତ ସଦସ୍ୟ ଅଧିକ ଦୁସ୍ଥିତି ଭିତରକୁ ଠେଲି ହୋଇଯିବେ । ସେମାନେ ପୁଣି ଲକ୍ଷ୍ୟ କରିଥାନ୍ତି ଯେ, ସେମାନଙ୍କର ଇଲାକା ଭିତରେ ଯେଉଁ ପିଲାମାନେ ଅଷ୍ଟମ ବା ତତ୍ତୁଲ୍ୟ ଶ୍ରେଣୀ ପର୍ଯ୍ୟନ୍ତ ପଢିଛନ୍ତି, ସେମାନେ ଯେ ଅଧିକ ରୋଜଗାରକ୍ଷମ ହୋଇ ପରିବାରର ସ୍ଥିତିକୁ ଅଧିକ ସମୃଦ୍ଧ କରିପାରିଛନ୍ତି ତାହା ନୁହେଁ, ବରଂ ଅନେକ କ୍ଷେତ୍ରରେ ସେମାନେ କର୍ମବିମୁଖ ହେବା ସହିତ ବଦଖର୍ଚ୍ଚୀ ଏବଂ ବଦଭ୍ୟାସୀ ହୋଇ ପରିବାର ଉପରେ ବୋଝ ହେଉଛନ୍ତି, ଅଥଚ ସେମାନଙ୍କର ସମବୟସ୍କ ପିଲା କୌଣସି ନା କୌଣସି ଶ୍ରମରେ ନିୟୋଜିତ ହେବା ଫଳରେ ନିଜର ଏବଂ ପରିବାରର ଗୁଜୁରାଣ ମେଣ୍ଟାଣରେ ସହାୟକ ହେଉଛନ୍ତି ।

ଝିଅ ପିଲାମାନଙ୍କ ସ୍ଥିତି ଆହୁରି ଜଟିଳ । ଯେହେତୁ ଝିଅକୁ ଯେମିତି ହେଲେ ଯଥାଶୀଘ୍ର ବିଭା ଦେବାକୁ ପଡିବ ଏବଂ ସେ ଶାଶୁଘରକୁ ଯାଇ ମୂଳତଃ ରୋଷେଇବାସ, ଗୃହକାର୍ଯ୍ୟ ଓ ପିଲାଯତ୍ନର ଦାୟିତ୍ୱ ନେବ ଏବଂ ବଳକା ସମୟରେ ମଜୁରି ଶ୍ରମ କିମ୍ବା ପାରିବାରିକ ବେଉସାରେ ନିୟୋଜିତ ହେବ, ତେଣୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତାକୁ ମିହନ୍ତ କରି ପଢାଇବା ପାଇଁ ବାପାମାଆ ମାନେ ମୋଟେ ତାଗିଦ୍ ଅନୁଭବ କରିନଥାନ୍ତି । ଅନ୍ୟପଟରେ ଝିଅ ଯଦି ପାଠ ପଢିଥାଏ, ତେବେ ତା ପାଇଁ ପାଠୁଆ ଜୋଇଁ ଖୋଜା ହୁଏ; ଏବଂ ଜୋଇଁ ଯେତେ ଅଧିକ ପାଠୁଆ ହେବ, ଝିଅ ସହିତ ସେତେ ଅଧିକ ଯୌତୁକ ଦେବାକୁ ପଡିବ । ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢି ବହୁ ଝିଅ ଯେ ତୁଳନାତ୍ମକ ଭାବେ ଅଧିକ ରୋଜଗାରକ୍ଷମ ହୋଇପାରିଛନ୍ତି, ତହିଁର ଦୃଷ୍ଟାନ୍ତ ମଧ୍ୟ ଅନଗ୍ରସର ଶ୍ରେଣୀର ବାପାମାଆଙ୍କ ପାଖରେ ନାହିଁ ।

ସୁତରାଂ ମୋଟ ଉପରେ କହିଲେ ଯେ ପର୍ଯ୍ୟନ୍ତ ଅନଗ୍ରସର ଗୋଷ୍ଠୀ ଅନ୍ତର୍ଗତ ପିତାମାତାଙ୍କର ଆର୍ଥିକ-ସାମାଜିକ ସ୍ଥିତିର ଆଖିଦୃଶିଆ ପରିବର୍ତ୍ତନ ନହୋଇଛି, ଅର୍ଥାତ୍ ଯେ ପର୍ଯ୍ୟନ୍ତ ନିଜର ରୋଜଗାରରୁ ଗୁଜୁରାଣ ମେଣ୍ଟିବା ପରେ ବେଶ୍ କିଛି ଅର୍ଥ ବଳକା ନରହୁଛି, ତଥା ଯେ ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷା କାରଣରୁ ଜଣଙ୍କର ରୋଜଗାର ବୃଦ୍ଧି ପାଇଥିବାର ମାଳମାଳ ସୁଦୃଶ୍ୟ ଦୃଷ୍ଟାନ୍ତ ସମାଜରେ ଦେଖିବାକୁ ନ ମିଳିଛି, ସେପର୍ଯ୍ୟନ୍ତ ପିତାମାତା ମାନେ ନିଜ ପିଲାକୁ ରୋଜଗାର ବଦଳରେ ବିଦ୍ୟାଳୟକୁ ଛାଡିବା ପାଇଁ ସ୍ୱତପ୍ରବୃତ୍ତ ହେବେ ନାହିଁ । ଏପରିକି ଶିକ୍ଷାଦାନକୁ ମାଗଣା କରିବା ସହିତ ମାଗଣା ମଧ୍ୟାହ୍ନ ଭୋଜନ ତଥା ମାଗଣା ପୋଷାକ ଓ ପାଠ୍ୟପୁସ୍ତକର ବ୍ୟବସ୍ଥା କଲେ ମଧ୍ୟ ସେମାନେ ନିଜ ପିଲାକୁ ପୁରା ସମୟ ପାଇଁ ସ୍କୁଲ୍‌କୁ ଛାଡିବେ ନାହିଁ, ଅତି ବେଶିରେ ଏହିସବୁ ମାଗଣା ସୁଯୋଗ ହାସଲ ପାଇଁ ସେମାନେ କେବଳ ସ୍କୁଲ୍‌ରେ ନିଜ ପିଲାଙ୍କର ନାମ ଲେଖାଇ ପାରନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏବେ ବି ଆମ ଦେଶରେ ଏବଂ ବିଶେଷ କରି ଓଡିଶାରେ ଶିଶୁଶ୍ରମ ସମସ୍ୟା ପୂର୍ବଭଳି ଜୀବନ୍ତ ରହିଛି, ବରଂ ଦିନକୁ ଦିନ ଅଧିକ ଗଭୀରତର ହେବାରେ ଲାଗିଛି । ବିସ୍ମୟ ଲାଗିପାରେ, କିନ୍ତୁ ଏକଥା ସତ ଯେ, ଆମ ଦେଶରେ ଶିଶୁଶ୍ରମ ନିବାରଣ ପାଇଁ ଯେଉଁ ଆଇନ୍‌ଟି ଅଛି, ଯଥା ଶିଶୁଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ୍ ୧୯୮୬, ସେଥିରେ କେବଳ ବିପଜ୍ଜନକ ଶ୍ରମରେ ଶିଶୁଶ୍ରମକୁ ନିଷିଦ୍ଧ କରାଯାଇଛି, କିନ୍ତୁ ଅଣବିପଜ୍ଜନକ ଶ୍ରମରେ ଶିଶୁଶ୍ରମକୁ ଅନୁମୋଦନ କରାଯିବା ସହିତ ଏହା କିପରି ଶୃଙ୍ଖଳିତ ଭାବେ ପରିଚାଳିତ ହୋଇପାରିବ, ସେଥିପାଇଁ ବିଧିବ୍ୟବସ୍ଥା କରାଯାଇଛି (ଦ୍ରଷ୍ଟବ୍ୟ ଧାରା -୭) । ଉଦାହରଣ ସ୍ୱରୂପ, ଏଥିରେ କୁହାଯାଇଛି, ଏକାଦିକ୍ରମେ ଗୋଟିଏ ଶିଶୁକୁ ୩ଘଣ୍ଟାରୁ ଅଧିକ ସମୟ ଖଟାଯାଇପାରିବ ନାହିଁ, କିନ୍ତୁ ଗୋଟିଏ ଦିନରେ ତାକୁ ୬ଘଣ୍ଟା ପର୍ଯ୍ୟନ୍ତ ଖଟାଇହେବ, ଯଦି ମଝିରେ ଗୋଟିଏ ଘଣ୍ଟା ପାଇଁ ବିଶ୍ରାମ ଦିଆଯାଏ । ସୁତରାଂ ଏଠାରେ ଗୋଟିଏ ମୌଳିକ ପ୍ରଶ୍ନ ଉଠିବା ସ୍ୱାଭାବିକ, ତାହା ହେଉଛି ଯଦି ଗୋଟିଏ ପକ୍ଷେ ଦେଶର ଏକ ଆଇନ୍ ଜଣେ ଶିଶୁକୁ ୬ଘଣ୍ଟାର ମଜୁରି ଶ୍ରମ କରିବା ପାଇଁ ଅନୁମତି ଦେଉଛି, ତେବେ ଅନ୍ୟ ପକ୍ଷରେ ସେହି ଦେଶର ଆଉ ଗୋଟିଏ ଆଇନ୍ ଜଣେ ଶିଶୁକୁ ବର୍ଷସାରା ବିଦ୍ୟାଳୟରେ ଶିକ୍ଷାଲାଭ କରିବା ପାଇଁ ବ୍ୟବସ୍ଥା କରିବା କେତେଦୂର ସଂଗତିଶୀଳ ? ସୁତରାଂ ଶିଶୁଶ୍ରମ ଆଇନ୍ ଏବଂ ଶିକ୍ଷା ଅଧିକାର ଆଇନ୍ ଭିତରେ ସଂଗତିଶୀଳତା ଆଣିବା ସର୍ବାଦୌ ଜରୁରୀ ।

ଅନେକଙ୍କର ଧାରଣା ଜନ୍ମିଛି ଯେ, ଶିକ୍ଷା ଅଧିକାର ଆଇନ୍ ଲାଗୁ ହେବା ଫଳରେ ଅଷ୍ଟମ ଶ୍ରେଣୀ ସମାପ୍ତ ହେବା ଯାଏଁ ଶିକ୍ଷା ସଂପୂର୍ଣ୍ଣ ମାଗଣାରେ ମିଳିବ ଏବଂ ପିତାମାତା ବା ଅଭିଭାବକଙ୍କ ଉପରେ କୌଣସି ଆର୍ଥିକ ବୋଝ ପଡିବ ନାହିଁ । କିନ୍ତୁ ଏପ୍ରକାର ଧାରଣା ମସ୍ତବଡ ଭୁଲ୍ । ଆଇନ୍‌ର ଧାରା-୩(୨) ଅନୁଯାୟୀ

ଜଣେ ଛାତ୍ରକୁ ସରକାରୀ ବା ସରକାରୀ ନିୟନ୍ତ୍ରଣାଧୀନ ବା ସରାକରୀ ସହାୟତା-ପ୍ରାପ୍ତ ସ୍କୁଲ୍‌ରେ କୌଣସି ଫିସ୍ ବା ଦେୟ ଦେବାକୁ ପଡିବନି, ତଥା ମାଗଣା ପାଠ୍ୟପୁସ୍ତକ, ଲିଖନସାମଗ୍ରୀ ଏବଂ ୟୁନିଫର୍ମ ମିଳିପାରିବ (ଦ୍ରଷ୍ଟବ୍ୟ –କେନ୍ଦ୍ରୀୟ ନିୟମାବଳୀ ୨୦୧୦ର ନିୟମ ୯) । କିନ୍ତୁ ଗୋଟିଏ ଛାତ୍ର ବା ଛାତ୍ରୀ ବିଦ୍ୟାଳୟରେ ପାଠପଢା ଆରମ୍ଭ କଲେ ଅନ୍ୟାନ୍ୟ ବହୁ ଆନୁଷଙ୍ଗିକ ବ୍ୟୟ ରହିଛି, ଯଥା ନିୟମିତ ଯାତାୟତ, ଜଳଖିଆ, ଅସୁସ୍ଥ ହେଲେ ଚିକିତ୍ସା, ଘରେ ପଠନଗୃହର ବ୍ୟବସ୍ଥା, ଆପତ୍ କାଳୀନ ବ୍ୟବସ୍ଥା ଇତ୍ୟାଦି ବାବଦରେ, ଯାହାକୁ କି ପିତାମାତା ବା ଅଭିଭାବକଙ୍କୁ ବହନ କରିବାକୁ ପଡିବ ।

ଏହାଛଡା, ଗୋଟିଏ ପିଲାକୁ ଯଦି ୩ରୁ୬ ବର୍ଷ ଭିତରେ ସଅଳ ଶୈଶବ ଶିକ୍ଷା ଦିଆନଯାଏ, ତେବେ ତାକୁ ହଠାତ୍ ୬ବର୍ଷରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ବିଶେଷ ଫଳପ୍ରଦ ହେବନି । ବର୍ତ୍ତମାନ ସଂବିଧାନର ଧାରା-୪୫ରେ ୬ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ସଅଳ ଶିକ୍ଷା ପ୍ରଦାନ ପାଇଁ ରାଷ୍ଟ୍ରକୁ ନିର୍ଦ୍ଦେଶ ଦିଅଯାଇଛି, କିନ୍ତୁ ଏହା ନୀତି-ନିର୍ଦ୍ଧାରକ ନିର୍ଦ୍ଦେଶାବଳୀ ଅଧ୍ୟାୟରେ ସ୍ଥାନିତ ହୋଇଥିବାରୁ ରାଷ୍ଟ୍ର ଏହାକୁ ପାଳନ କରିବା ପାଇଁ ବାଧ୍ୟ ନୁହେଁ । ଶିକ୍ଷା ଅଧିକାର ଆଇନ୍‌ର ଧାରା-୧୧ରେ ମଧ୍ୟ ୩ରୁ ୬ବର୍ଷର ଶିଶୁମାନଙ୍କୁ ପ୍ରାକ୍-ପ୍ରାଥମିକ ଶିକ୍ଷା ମାଗଣାରେ ଯୋଗାଇଦେବା ପାଇଁ ସମୁଚିତ ସରକାର ଚାହିଁଲେ ପଦକ୍ଷେପ ନେଇପାରନ୍ତି ବୋଲି କୁହାଯାଇଛି । କିନ୍ତୁ ଏହା ଏକ ପରାମର୍ଶାତ୍ମକ ନିର୍ଦ୍ଦେଶନା, ଯାହାକୁ ପାଳନ କରିବା ପାଇଁ ରାଷ୍ଟ୍ର ବାଧ୍ୟ ନୁହେଁ । ଲକ୍ଷ୍ୟ କରାଯାଇଛି, ଅନଗ୍ରସର ଗୋଷ୍ଠୀର ପରିବାର ଗୁଡିକରେ ପିଲାମାନଙ୍କୁ ୪/୫ ବର୍ଷ ହେବା ମାତ୍ରେ ସେମାନଙ୍କୁ କୌଣସି ନା କୌଣସି କାମରେ ଲଗାଇ ଦିଆଯାଇଥାଏ ଏବଂ ତଦ୍ୱାରା ସେମାନେ ଶ୍ରମ କରିବାରେ ଅଭ୍ୟସ୍ତ ହୋଇପଡିଥାନ୍ତି । ତେଣୁ ହଠାତ୍ ସେମାନଙ୍କୁ ଶ୍ରମକ୍ଷେତ୍ରରୁ ନିବୃତ୍ତ କରି ବିଦ୍ୟାଳୟରେ ପ୍ରବେଶ କରାଇବା ଏକ ଦୁରୂହ ବ୍ୟାପାର । ସୁତରାଂ ସଅଳ ଶିକ୍ଷାକୁ ବାଦ୍ ଦେଇ କେବଳ ୬ରୁ ୧୪ବର୍ଷର ପିଲାମାନଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ପାଇଁ ଆଇନ୍ କରିବା ଅବାସ୍ତବ ମନେହୁଏ ।

ଶିକ୍ଷା ଅଧିକାର ଆଇନ୍‌କୁ ନେଇ ଆଉ ଏକ ବିଭ୍ରାନ୍ତି ପ୍ରସାର ଲାଭ କରିଛି- ସମାଜର ଦୁର୍ବଳ ଓ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ଘରୋଇ ଅଣ-ସାହାଯ୍ୟପ୍ରାପ୍ତ ସ୍କୁଲ୍ (ଯଥା ଷ୍ଟୁଆର୍ଟ, ଡି.ଏ.ଭି., ସେଣ୍ଟ୍ ଜୋସେଫ୍ ଇତ୍ୟାଦି) ଏବଂ ସ୍ୱତନ୍ତ୍ର ଶ୍ରେଣୀର ସ୍କୁଲ୍ (ଯଥା ସେଣ୍ଟ୍ରାଲ୍ ସ୍କୁଲ୍, ସୈନିକ ସ୍କୁଲ୍, ନବୋଦୟ ବିଦ୍ୟାଳୟ) ଗୁଡିକରେ ଶତକଡା ୨୫ ଭାଗ ସ୍ଥାନ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷିତ ରହିବ ଏବଂ ଏହିସବୁ ଉଚ୍ଚକୋଟୀର ସ୍କୁଲ୍ ମାନଙ୍କରେ ଅନଗ୍ରସର ଶ୍ରେଣୀର ପିଲାମାନେ ସଂପୂର୍ଣ୍ଣ ମାଗଣାରେ ସମାଜର ସ୍ୱଚ୍ଛଳ ଓ ସଂଭ୍ରାନ୍ତ ପରିବାରର ପିଲାମାନଙ୍କ ସହ କମନ୍ ସ୍କୁଲ୍ ଢାଞ୍ଚାରେ ଏକାଠି ପଢିପାରିବେ । ଏକଥା ସତ, ଉପରୋକ୍ତ ଧରଣର ଘରୋଇ ସ୍କୁଲ୍ ଗୁଡିକରେ ଶତକଡା ୨୫ ସ୍ଥାନ ସଂରକ୍ଷିତ ରହିବ । କିନ୍ତୁ ଧାରା ୧୨(୨) ଅନୁଯାୟୀ, ଅଣ-ସହାୟତାପ୍ରାପ୍ତ ଘରୋଇ ସ୍କୁଲ୍ ମାନଙ୍କରେ ଏହି ସଂରକ୍ଷିତ ଆସନର ଛାତ୍ରଛାତ୍ରୀଙ୍କ ପାଠପଢା ପାଇଁ ସରକାର ସେତିକି ଖର୍ଚ୍ଚ ବହନ କରିବେ ଯାହାକି ମୋଟ ରାଜ୍ୟରେ ପିଲା ପିଛା ଖର୍ଚ୍ଚ ଠାରୁ ଅଧିକ ହେଉନଥିବ । ଉଦାହରଣ ସ୍ୱରୂପ, ଷ୍ଟୁଆର୍ଟ ସ୍କୁଲ୍‌ରେ ପ୍ରଥମ ଶ୍ରେଣୀରେ ପଢୁଥିବା ଗୋଟିଏ ପିଲା ପିଛା ଯଦି ମାସିକ ୫୦୦ଟଙ୍କା ଖର୍ଚ୍ଚ ହେଉଥାଏ, ଏବଂ ସଂପୃକ୍ତ ରାଜ୍ୟରେ ସରକାରଙ୍କର ପିଲାପିଛା ଖର୍ଚ୍ଚ ୫୦ଟଙ୍କା ହୋଇଥାଏ, ତେବେ ସରକାର ଷ୍ଟୁଆର୍ଟ ସ୍କୁଲ୍‌କୁ ସଂରକ୍ଷିତ ଆସନଗୁଡିକ ପାଇଁ ପିଲା ପିଛା ମାତ୍ର ୫୦ଟଙ୍କା ଭରଣା କରିବେ, ଏବଂ ବାକୀ ଟଙ୍କା ପିତାମାତା ବା ଅଭିଭାବକଙ୍କୁ ବହନ କରିବାକୁ ପଡିବ । ସୁତରାଂ ବସ୍ତୁତଃ କୌଣସି ଅନଗ୍ରସର ଗୋଷ୍ଠୀର ପରିବାରର ପିଲା ଉଚ୍ଚ କୋଟୀର ଘରୋଇ ସ୍କୁଲ୍‌ରେ ପଢିବା ଆଦୌ ସମ୍ଭବ ହେବ ନାହିଁ । ସେହିପରି ସ୍ୱତନ୍ତ୍ର ଧରଣର ସରକାରୀ ସ୍କୁଲ୍ (ସେଣ୍ଟ୍ରାଲ୍ ସ୍କୁଲ୍, ସୈନିକ ସ୍କୁଲ୍ ବା ନବୋଦୟ ବିଦ୍ୟାଳୟ) ଗୁଡିକରେ ଅନଗ୍ରସର ଗୋଷ୍ଠୀର ପିଲାମାନଙ୍କ ପାଇଁ ଯେଉଁ ସହାୟତା ମିଳିବ, ସେଥିରେ ଅନ୍ୟ ସରକାରୀ ସ୍କୁଲ୍ ଭଳି ପ୍ରବେଶିକା ଫିସ୍ ଛାଡ ସହିତ ମାଗଣା ପାଠ୍ୟପୁସ୍ତକ, ଲିଖନ ସାମଗ୍ରୀ ଏବଂ ପୋଷାକ ଅନ୍ତର୍ଭୁକ୍ତ । ଏଥିରେ ସାଧାରଣ ସରକାରୀ ସ୍କୁଲ୍ ଭଳି ମାଗଣା ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ନାହିଁ । ସୁତରାଂ ବାକୀ ସମସ୍ତ ଆନୁଷଙ୍ଗିକ ଖର୍ଚ୍ଚକୁ ସଂପୃକ୍ତ ଅନଗ୍ରସର ପରିବାର ବହନ କରିବା ବ୍ୟବସ୍ଥା ଥିବାରୁ ସ୍ୱତନ୍ତ୍ର ସରକାରୀ ସ୍କୁଲ୍ ଗୁଡିକରେ ସେସବୁ ଗୋଷ୍ଠୀର ପିଲା ପଢିବାର ପ୍ରଶ୍ନ ଉଠୁନାହିଁ ।

ନୂତନ ଶିକ୍ଷା ଆଇନ୍‌ର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା ଜରୁରୀ ମନେହୁଏ । ଆଇନ୍‌ର ଧାରା ୧୬ ଅନୁଯାୟୀ ଗୋଟିଏ ପିଲା ସ୍କୁଲ୍‌ରେ ଥରେ ଭର୍ତ୍ତି ହେଲେ ସେ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପର୍ଯ୍ୟନ୍ତ ତାକୁ କୌଣସି ଆଳରେ କୌଣସି ପର୍ଯ୍ୟାୟରେ ଅଟକ କିମ୍ବା ବହିଷ୍କାର କରାଯାଇପାରିବ ନାହିଁ । ଅର୍ଥାତ୍ ସେ ପିଲା ଶ୍ରେଣୀରେ ଯୋଗଦାନ କରୁ ବା ନକରୁ, ତଥାକଥିତ ନିରନ୍ତର ମୂଲ୍ୟାଙ୍କନ ପ୍ରକ୍ରିୟାରେ ଭାଗ ନେଉ ବା ନନେଉ ଅଥବା ସ୍କୁଲ୍‌ର ଶୃଙ୍ଖଳା ମାନୁ ବା ନମାନୁ, ତାକୁ ଚୂଡାନ୍ତ ଭାବେ ଅଷ୍ଟମ ଶ୍ରେଣୀର ସାର୍ଟିଫିକେଟ୍ ଯେମିତି ହେଲେ ମିଳିବ । ଏହି ପ୍ରକ୍ରିୟାରେ ହୁଏତ୍ ଲକ୍ଷଲକ୍ଷ ଅନଗ୍ରସର ପରିବାରର ପିଲା ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ସାର୍ଟିଫିକେଟ୍ ପାଇଯିବେ, କିନ୍ତୁ ସେମାନଙ୍କର ପ୍ରକୃତ ବୌଦ୍ଧିକ ବିକାଶ ହୁଏତ୍ ମୋଟେ ଘଟିନଥିବ । ଏକ ନିକୃଷ୍ଟ ମାନଦଣ୍ଡକୁ ଆଧାର କରି ସେମାନେ କେଉଁଠି ହେଲେ ନବମ ଶ୍ରେଣୀରେ ନାମ ଲେଖାଇ ପାରିବେ କି ? ଯଦିବା ନାମ ଲେଖାନ୍ତି ତେବେ ସେମାନେ ନବମ ଶ୍ରେଣୀର ପାଠ୍ୟବସ୍ତୁକୁ ବୁଝି ପାରିବେ କି ? ସୁତରାଂ ଦେଶରେ ସୁସ୍ପଷ୍ଟ ଭାବେ ଦୁଇଧରଣର ଛାତ୍ରଛାତ୍ରୀ ସୃଷ୍ଟି ହେବେ । ଗୋଟିଏ ହେଲା, ବ୍ୟୟବହୁଳ ଘରୋଇ ଏବଂ ସ୍ୱତନ୍ତ୍ର କିସମର ସରକାରୀ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରକୃତ ଯୋଗ୍ୟତା ସମ୍ପନ୍ନ ଛାତ୍ରଛାତ୍ରୀ, ଯେଉଁମାନେ କି ଭବିଷ୍ୟତରେ ଦେଶର ଶିକ୍ଷା, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଅର୍ଥନୀତି ଓ ରାଜନୀତି ଇତ୍ୟାଦି ସବୁ କ୍ଷେତ୍ରରେ ନେତୃତ୍ୱକାରୀ ପଦପଦବୀରେ ରହିବେ, ଏବଂ ଅନ୍ୟଟି ହେଲା, ବିଶାଳ ସଂଖ୍ୟକ ଛଦ୍ମ ଶିକ୍ଷିତ ଗୋଷ୍ଠୀ, ଯେଉଁମାନେ କି କେବଳ ଅଷ୍ଟମ ଶ୍ରେଣୀର ସାର୍ଟିଫିକେଟ୍ ପାଇଥିବେ କିନ୍ତୁ ପ୍ରଥମ ଶ୍ରେଣୀର ପାଠ ଠିକ୍ ରୂପେ ଜାଣି ନଥିବେ । ଏକଥା କହିବା ବାହୁଲ୍ୟ, ଏହି ଦ୍ୱିତୀୟ ଗୋଷ୍ଠୀ, ଯେଉଁମାନଙ୍କୁ ଅଙ୍କସାକ୍ଷର ବା ସାକ୍ଷରଅଙ୍କ କୁହାଯାଇ ପାରେ ଏବଂ ଯେଉଁମାନଙ୍କ ସଂଖ୍ୟା ଅତି ବିଶାଳ, ସେମାନେ ହିଁ ପ୍ରଥମ ଗୋଷ୍ଠୀ ଅନ୍ତର୍ଗତ ଅଳ୍ପସଂଖ୍ୟକ ସୁଶିକ୍ଷିତ ବ୍ୟକ୍ତିମାନଙ୍କର ବୋଲକରା ସେବାଦାସ ଭାବେ ନିଜର ଜୀବନ ବିତାଇବେ । ଏପ୍ରକାର ସମ୍ଭାବନା ଜଳଜଳ ଦିଶୁଛି, କାରଣ ସରକାର କହିସାରିଛନ୍ତି ଯେ, ଶିକ୍ଷା ଅଧିକାର ଆଇନ୍‌କୁ ମୂଳତଃ ସର୍ବ ଶିକ୍ଷା ଅଭିଯାନ ଶୈଳୀରେ କାର୍ଯ୍ୟକାରୀ କରାଯିବ, ଅର୍ଥାତ୍ ଗୋଟିଏ ପିଲାକୁ ଯେନ ତେନ ପ୍ରକାରେଣ ସ୍କୁଲ୍‌ରେ ନାମ ଲେଖାଇଦେବା ଏବଂ ପରିଶେଷରେ ସାର୍ଟିଫିକେଟ୍ ଦେବା ହିଁ ଏହାର ପ୍ରମୁଖ ଉଦ୍ଦେଶ୍ୟ, ବାକୀ ସବୁ କଥା ଗୌଣ । ବୋଧ ହୁଏ, ଏହି କାରଣରୁ ଆଇନ୍‌ର ଧାରା ୨୭ରେ କୁହାଯାଇଛି ଯେ, ଶିକ୍ଷକମାନଙ୍କୁ ସରକାରଙ୍କର କେତେକ ଅପରିହାର୍ଯ୍ୟ ଅଣ-ଶୈକ୍ଷିକ କାଯ୍ୟକ୍ରମରେ ନିୟୋଜିତ କରିହେବ, ଯଥା ଜନଗଣନା, ବିପର୍ଯ୍ୟୟ କାଳୀନ ସହାୟତା ଏବଂ ନିର୍ବାଚନ ପରିଚାଳନା ସଂକ୍ରାନ୍ତ ଦାୟିତ୍ୱାବଳୀ ।

Saila Behera, Secretary, Basundhara, Bidanasi, Cuttack-14, Mobile: 9437297914, Dt-28.5.2011